# NATIONAL NEWS BULLETIN (ODIA)
## 10 November - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ହେବ ଭୋଟ୍ ଗ୍ରହଣ ।

– ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନର ଉପନିର୍ବାଚନ ଲାଗି ମଧ୍ୟ ଏକ ସଙ୍ଗେ ହେବ ମତଦାନ ।

- ଗଣତନ୍ତ୍ର ହେଉଛି, ଭାରତ-ଆଙ୍ଗୋଲା ସାମାଜିକ ସଂରଚନାର ଭିତ୍ତିଭୂମି, କହିଲେ ରାଷ୍ଟ୍ରପତି ।

- ଭୁଟାନକୁ ଆସନ୍ତାକାଲିଠାରୁ ଦୁଇ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ଗତ ଆର୍ଥିକ ବର୍ଷରେ ଦେଶରେ ପ୍ରତିରକ୍ଷା କ୍ଷେତ୍ରର ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକ ପକ୍ଷରୁ ୭୧ ଦଶମିକ୍ ୬ ପ୍ରତିଶତ ସାମଗ୍ରୀ ଉତ୍ପାଦନ କରାଯାଇଛି, ପ୍ରତିରକ୍ଷା ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଭାରତ ଓ ଚୀନ୍ ମଧ୍ୟରେ ପ୍ରାୟ ୫ ବର୍ଷ ପରେ ଆଜିଠାରୁ ପୁନଃ ଆରମ୍ଭ ହେଲା ସିଧାସଳଖ ବାଣିଜ୍ୟିକ ବିମାନ ଚଳାଚଳ ।

## ବିହାର-ପୋଲ୍ସ

ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ୍ ଗ୍ରହଣ ହେବ । ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ମୁକ୍ତ, ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ଭାବେ ଭୋଟ୍ ଗ୍ରହଣ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

୩ କୋଟି ୭୦ଲକ୍ଷରୁ ଅଧିକ ମତଦାତା ୧ହଜାର ୩୦୨ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେମାନଙ୍କ ମଧ୍ୟରେ ୧୩୬ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ତେବେ ସୁରକ୍ଷାଗତ କାରଣରୁ ଗୟା, ଔରଙ୍ଗାବାଦ, ବାଙ୍କା ଏବଂ ରୋହସତ୍ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧ ହଜାର ୨୦୨ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ଜଣାଯାଇଛି । ଏହି ପର୍ଯ୍ୟାୟରେ ୪୫ ହଜାରରୁ ଅଧିକ ଭୋଟ୍ ଗ୍ରହଣ କେନ୍ଦ୍ର ସ୍ଥାପନ କରାଯାଇଛି । ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ମହିଳା

ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୫୯୫ଟି ଭୋଟ୍ ଗ୍ରହଣ କେନ୍ଦ୍ରରେ କେବଳ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତ ୬ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ  ପାଖାପାଖି ୬୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ଆସନ୍ତା ୧୪ ତାରିଖରେ ଦୁଇ ପର୍ଯ୍ୟାୟର ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ବାଇ-ଇଲେକ୍ସନ

ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନର ଉପନିର୍ବାଚନ ଲାଗି ମଧ୍ୟ ଆସନ୍ତାକାଲି ମତଦାନ ଅନୁଷ୍ଠିତ ହେବ । ଅନ୍ୟ ରାଜ୍ୟର ନିର୍ବାଚନମଣ୍ଡଳୀ ଗୁଡ଼ିକ ହେଲା—ଜାମ୍ମୁକାଶ୍ମୀରର ବୋଡ଼ଗୋଓଁ ଏବଂ ନାଗ୍ରୋଟା, ରାଜସ୍ଥାନର ଆଣ୍ଟା, ଝାଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍ସ, ପଞ୍ଜାବର ତର୍ନତରନ୍ ଏବଂ ମିଜୋରାମର ଡମ୍ପା । ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

# ପ୍ରେସିଡେଣ୍ଟ-ଆଙ୍ଗୋଲା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଲୁଆଣ୍ଡା ଠାରେ ଆଙ୍ଗୋଲାର ଜାତୀୟ ସଂସଦକୁ ସମ୍ବୋଧିତ କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଏହି ସଂସଦକୁ ସମ୍ବୋଧିତ କରିବା ଏକ ଗର୍ବର ବିଷୟ । ଆଙ୍ଗୋଲାର ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଶାନ୍ତି ଓ ଗଣତନ୍ତ୍ର ପ୍ରତିଷ୍ଠା ପର୍ଯ୍ୟନ୍ତ ଯାତ୍ରାକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି । ଭାରତ-ଆଙ୍ଗୋଲା ମଧ୍ୟରେ କୂଟନୈତିକ ସମ୍ପର୍କର ଚଳିତ ବର୍ଷ ୪୦ତମ ବାର୍ଷିକୀ ପୂର୍ତ୍ତି ସହିତ ଆଙ୍ଗୋଲାର ସ୍ୱାଧୀନତା ପ୍ରାପ୍ତିର ସୁବର୍ଣ୍ଣ ଜୟନ୍ତୀ ପାଳନ ଲାଗି ରାଷ୍ଟ୍ରପତି ମୁର୍ମୁ ୨୦୨୫ର ଏକ ସ୍ୱତନ୍ତ୍ରତା ରହିଛି ବୋଲି ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଏହି ସମାରୋହ ଉଭୟ ଦେଶ ଲାଗି ଆପୋଷ ପ୍ରେରଣାର ଏକ ଉତ୍ସ ଭାବେ କାର୍ଯ୍ୟ କରିବା ସହିତ ଦ୍ୱିପକ୍ଷିୟ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ।

**V/O-1-PRESIDENT-INDEPENDENCE**

ରାଷ୍ଟ୍ରପତି ଭାରତ ଓ ଆଙ୍ଗୋଲା ମଧ୍ୟରେ ଗଣତାନ୍ତ୍ରିକ ସମ୍ପର୍କ ଉପରେ ଆଲୋକପାତ କରି କହିଛନ୍ତି, ଗଣତନ୍ତ୍ର ହେଉଛି ଦୁଇ ଦେଶ ମଧ୍ୟରେ ସାମାଜିକ ସଂରଚନାର ଭିତ୍ତିଭୂମି । ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବା ବେଳେ ଆଙ୍ଗୋଲା ଆଫ୍ରିକୀୟ ଦେଶ ଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ଗତିଶୀଳ ଗଣତନ୍ତ୍ର ରାଷ୍ଟ୍ର ।

**V/O-2-PREZ-LOKTANTRA**

## ପିଏମ୍-ଭୁଟାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭୁଟାନ୍‌କୁ ଦୁଇ ଦିନିଆ ଗସ୍ତରେ ଯିବେ । ଭାରତ ଓ ଭୁଟାନ୍ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗ ଏବଂ ସ୍ୱତନ୍ତ୍ର ବନ୍ଧୁତ୍ୱକୁ ଅଧିକ ସଶକ୍ତ କରିବା ହେଉଛି ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ଓ ଭୁଟାନ୍‌ର ରାଜା ଜିଗ୍‌ମେ ଖେସାର୍ ଓ୍ୱାଙ୍ଗ୍‌ଚୁକ୍’ ୧ ହଜାର ୨୦ ମେଗାଓ୍ୱାଟ୍ ବିଶିଷ୍ଟ ପୁନତ୍‌ସାଞ୍ଛୁ ଦ୍ୱିତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ପ୍ରକଳ୍ପ ଉଭୟ ଭାରତ ଏବଂ ଭୁଟାନ୍ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି । ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ଓ୍ୱାଙ୍ଗ୍‌ଚୁକ୍‌ଙ୍କ ୭୦ତମ ଜନ୍ମ ବାର୍ଷିକୀ ସମାରୋହରେ ଶ୍ରୀ ମୋଦୀ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଥିମ୍ପୁ ଠାରେ ବିଶ୍ୱଶାନ୍ତି ପ୍ରାର୍ଥନା ମହୋତ୍ସବରେ ଅଂଶଗ୍ରହଣ କରିବେ ।

## ରାଜନାଥ-ଡିପିଏସ୍‌ୟୁ

୨୦୨୪-୨୫ ଆର୍ଥିକ ବର୍ଷରେ ଦେଶରେ ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକ ପକ୍ଷରୁ ମୋଟ୍ ୭୧ ଦଶମିକ୍ ୬ ପ୍ରତିଶତ ପ୍ରତିରକ୍ଷା

ସାମଗ୍ରୀ ଉତ୍ପାଦନ କରାଯାଇଛି । ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକ ଏହି ଆର୍ଥିକ ବର୍ଷରେ ପ୍ରାୟ ୧ଲକ୍ଷ ୫୧ ହଜାର କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଉତ୍ପାଦନ କରିଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୂଚନା ଦେଇଛନ୍ତି । ଆଜି ନୂଆଦିଲ୍ଲୀର ବିଶ୍ୱ ବାଣିଜ୍ୟ କେନ୍ଦ୍ର ପରିସରରେ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଥିବା ପ୍ରତିରକ୍ଷା ରାଷ୍ଟ୍ରାୟତ ଉଦ୍ୟୋଗ ଭବନର ଉଦ୍‌ଘାଟନ କରିବା ଅବସରରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ଏହି ସମୟ ମଧ୍ୟରେ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀର ପରିମାଣ ୬ ହଜାର ୬୯୫ କୋଟି ଟଙ୍କାରେ ପହଞ୍ଚିଛି ।

ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତଥା ମେଡ୍ ଇନ୍ ଇଣ୍ଡିଆ ପ୍ରତିରକ୍ଷା ସାମଗ୍ରୀ ଉପରେ ସମଗ୍ର ବିଶ୍ୱର ବିଶ୍ୱାସ ଏହାଦ୍ୱାରା ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି । ଭାରତକୁ ବିଶ୍ୱସ୍ତରରେ ଏକ ପ୍ରତିରକ୍ଷା ହବ୍‌ରେ ପରିଣତ କରିବା ଦିଗରେ ଗବେଷଣା, ବିକାଶ, ସ୍ୱଦେଶୀ ଜ୍ଞାନକୌଶଳର ଅଧିକରୁ ଅଧିକ ସଫଳ ବ୍ୟବହାର ଏବଂ ରପ୍ତାନୀ କାରବାରକୁ ବୃଦ୍ଧି କରିବା ଉପରେ ପ୍ରତିରକ୍ଷା ମନ୍ତ୍ରୀ ଏ କ୍ଷେତ୍ରରେ କାର୍ଯ୍ୟରତ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

## ଇଣ୍ଡିଆ-ଚାଇନା ଫ୍ଲାଇଟ୍

ଭାରତ ଓ ଚୀନ୍ ମଧ୍ୟରେ ପ୍ରାୟ ୫ ବର୍ଷ ପରେ ସିଧାସଳଖ ବାଣିଜ୍ୟିକ ବିମାନ ଚଳାଚଳ ଆଜିଠାରୁ ପୁନଃ ଆରମ୍ଭ ହୋଇଛି । ଭାରତୀୟ ଦୂତାବାସ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ କରାଯାଇଥିବା ପୋଷ୍ଟରେ ଉଲ୍ଲେଖ କରାଯାଇଛି, ନୂଆଦିଲ୍ଲୀରୁ ଆଜି ଚୀନ୍‌ରେ ପହଞ୍ଚିଥିବା ବିମାନର ଯାତ୍ରୀମାନଙ୍କୁ ସାଂଘାଇ ସ୍ଥିତ ଭାରତୀୟ କନ୍‌ସଲ୍ ଜେନେରାଲ୍ ପ୍ରତୀକ ମାଥୁର୍ ସ୍ୱାଗତ କରିଛନ୍ତି । ଏସିଆର ଏହି ଦୁଇ ପଡ଼ୋଶୀ ରାଷ୍ଟ୍ରଙ୍କ ମଧ୍ୟରେ ଯାତାୟତ ଏବଂ ବାଣିଜ୍ୟ କାରବାରକୁ ସ୍ୱାଭାବିକ କରିବା ଦିଗରେ ଏହାକୁ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଅବିହିତ କରାଯାଇଛି । ଏଠାରେ ସୂଚନା ଦିଆଯାଇପାରେ କୋଭିଡ୍ ମହାମାରୀ ଏବଂ ପରେ ପରେ କୂଟନୈତିକ ଉତ୍ତେଜନା ଲାଗି ଭାରତ ଓ ଚୀନ୍ ମଧ୍ୟରେ ପ୍ରାୟ ଗତ ୫ ବର୍ଷ ଧରି ସିଧାସଳଖ ବିମାନ ଚଳାଚଳ ବନ୍ଦ ରହିଥିଲା ।

## ନ୍ୟାସନାଲ୍ ୱାଟର୍ କନ୍‌ଫରେନ୍ସ

ବର୍ଷା ଜଳ ସଂରକ୍ଷଣ କରିବା ସହିତ ଗ୍ରାମୀଣ ଜୀବନ ଜୀବିକାକୁ ସଶକ୍ତ କରିବା ଲାଗି କେନ୍ଦ୍ର ଯୋଗାଯୋଗ ଏବଂ ଗ୍ରାମୀଣ ବିକାଶ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ପେମାସାନି ଚନ୍ଦ୍ରଶେଖର ଜନସାଧାରଣଙ୍କୁ ଆହ୍ୱାନ

ଦେଇଛନ୍ତି । ଆଜି ଆନ୍ଧ୍ରପ୍ରଦେଶର ଗୁଣ୍ଟୁର୍ ଠାରେ ଦୁଇ ଦିନିଆ ଜାତୀୟ ଜଳଛାୟା ମହୋତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଡକ୍ଟର ଚନ୍ଦ୍ରଶେଖର କହିଛନ୍ତି, ଜଳର ସୁରକ୍ଷା ହେଉଛି ଜାତୀୟ ସୁରକ୍ଷା । ଜଳ ସଂରକ୍ଷଣ ତଥା ଏହାର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ଜଳଛାୟା ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି । ୨୦୨୧ରୁ ୨୦୨୬ ମସିହା ମଧ୍ୟରେ ୧୩ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଦେଶ ବ୍ୟାପି "ଜଳଛାୟା ଟୁ ପଏଣ୍ଟ ଜିରୋ" କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଜଳର ଉପଯୁକ୍ତ ସଂରକ୍ଷଣ ତଥା ବ୍ୟବହାର କରାଯାଇ ପାରିଲେ ଉତ୍ପାଦନ ପ୍ରାୟ ଛ' ଗୁଣ ଅଧିକ ହେବା ସହିତ ଭୂତଳ ଜଳସ୍ତର ଅଧିକ ତିନି ମିଟର ଉଚ୍ଚତାକୁ ବୃଦ୍ଧି ପାଇବ ବୋଲି ଡକ୍ଟର ଚନ୍ଦ୍ରଶେଖର କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବାୟୁ ପ୍ରଦୂଷଣ ବିରୁଦ୍ଧରେ ଲଢ଼େଇ, ସୁରକ୍ଷିତ ଏବଂ ସୁସ୍ଥ ରହିବା ପାଇଁ ପଦକ୍ଷେପ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍‌ସର ପୂର୍ବତନ ମୁଖ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଏସ୍.କେ ଶର୍ମା ଏବଂ ପଲ୍‌ମୋନୋଜିଷ୍ଟ୍ ଡାକ୍ତର ସୌରଭ ମିତ୍ତଲ

ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରି ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ ।

## ଓମ୍ ବିର୍ଲା

ଆସନ୍ତା ମାସ ୧ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସଂସଦର ଆସନ୍ତା ଶୀତକାଳୀନ ଅଧିବେଶନରେ ବିଭିନ୍ନ ବୈଧାନିକ ତଥା ସାଧାରଣ ଜନତାଙ୍କ ସ୍ୱାର୍ଥ ଜନିତ ପ୍ରସଙ୍ଗ, ସରକାରୀ ନୀତି ଉପରେ ଫଳପ୍ରଦ ଆଲୋଚନା କରାଯିବ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଶାବ୍ୟକ୍ତ କରିଛନ୍ତି । ଆଜି କୋହିମା ଠାରେ ୨୨ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀକୁ ଉଦ୍‌ଘାଟନ କରିବା ପରେ ଗଣମାଧମକୁ ସେ ଏହା କହିଛନ୍ତି । ଏହି ଅବସରରେ ଶ୍ରୀ ବିର୍ଲା ସଂସଦକୁ ଗଣତନ୍ତ୍ରର ମନ୍ଦିର ଭାବେ ଅଭିହିତ କରିବା ସହିତ ସେଠାରେ ଶୃଙ୍ଖଳା ଓ ଏହାର ମର୍ଯ୍ୟାଦା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଯେଉଁ

ରାଷ୍ଟ୍ରରେ ସାଧାରଣ ଜନତାଙ୍କ ହିତକୁ ଦୃଷ୍ଟିରେ ରଖି ନୀତି ପ୍ରଣୟନ କରାଯାଏ ସେଭଳି ରାଷ୍ଟ୍ରର ଭବିଷ୍ୟତରେ ସାମଗ୍ରୀକ ବିକାଶ ସମ୍ଭବ ହୋଇଥାଏ ।

**V/O-3-OM-BIRLA**